## ବିଦ୍ୟୁତ୍ ଆଘାତରେ ବଳଦ ମୃତ୍ୟୁକୁ ନେଇ ଉତ୍ତେଜନା

ମୋରଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଜୁଆଳିଭଙ୍ଗା ଗ୍ରାମର ହାଟ ନିକଟରେ ଥିବା ମୁକୁଳା ଟ୍ରାନ୍ସଫର୍ମର ତାରରେ ଲାଗି ଏକ ବଳଦର ମୃତ୍ୟୁ ଘଟିଛି। ଏନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଛି। ଘଟଣାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରମବାସୀ ଦାବି କରିଛନ୍ତି। ସୂଚନା ଅନୁଯାୟୀ,ଉକ୍ତ ଗ୍ରାମର ରତ୍ନାକର ହାଁସଦାଙ୍କ ବଳଦ ହାଟ ପଡିଆରେ ଚରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଆସି ମୃତ୍ୟୁ ବରଣ କରିଥିଲା। ଏନେଇ ବିଭାଗୀୟ ଏସ୍‌ଡିଓ କହିଛନ୍ତି, ଘଟଣାର ତଦନ୍ତ କରି କ୍ଷତି ପୂରଣ ଦେବା ସହିତ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ଯଥାଶୀଘ୍ର ବାଉଣ୍ଡରୀ କରି ଦିଆଯିବ।

## ସଂକ୍ଷେପରେ

### ଦୁର୍ଘଟଣାରେ ବନ କର୍ମଚାରୀଙ୍କ ମୃତ୍ୟୁ

ବେତନଟୀ,୨୩ା୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବେତନଟୀସ୍ଥିତ ଚଣ୍ଡୀଛକଠାରେ ଏକ ଡମ୍ଫର ଧକ୍କାରେ ଜଣେ ବନ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ପଣ୍ଡୁଗଡିଆ ଗ୍ରାମର ଅଭିନନ୍ଦନ ସାହୁ (୩୫)। ମଙ୍ଗଳବାର ସେ ସ୍କୁଟି ଯୋଗେ ନିଜ ଅଫିସ୍ ଯାଉଥିବା ସମୟରେ ଏକ ଡମ୍ଫର ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ବେତନଟୀ ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବେତନଟୀ ଡାକ୍ତରଖାନା ପଠାଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟି ଓ ଡ଼ମ୍ଫରକୁ ଜବତ କରଛି। ଏନେଇ ଥାନାରେ ଏକ ମାମଲା(ନଂ. ୧୯୮/୨୩) ରୁଜୁ ହେଇଛି।

### ଜାତୀୟ ରାଜପଥରେ ଜଳିଗଲା କାର୍

କେନ୍ଦୁଝର, ୨୩ା୫ (ସ୍ୱ.ପ୍ର.): କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ନିକଟ ୪୯ ନଂ. ଜାତୀୟ ରାଜପଥରେ ମଙ୍ଗଳବାର ମଧାହ୍ନରେ ହଠାତ୍ ଏକ କାର୍ ଜଳିଯାଇଛି। ଗାଡ଼ିରେ



ଥିବା ଚାଳକ ସମେତ ଦୁଇଜଣ ବ୍ୟକ୍ତି ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାଞ୍ଜିପାଣି ଘାଟି ରାସ୍ତା ପୂର୍ବରୁ କାର୍‌ରୁ ଧୂଆଁ ବାହାରୁଥିବା ଦେଖି ସେମାନେ ଗାଡ଼ି ଅଟକାଇ ଓହ୍ଲାଇ ବାହାରକୁ ପଳାଇ ଯାଇଥିଲେ। କାର୍‌ଟି ହୁତୁହୁତୁ ହୋଇ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ତେବେ ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ।

### ଦୁଇ ଶିକାରୀ ଗିରଫ, ଦେଶୀ ବନ୍ଧୁକ ଜବତ

ବାରିପଦା ଅଫିସ,୨୩ା୫: ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଧୀନ ଭଞ୍ଜବସା ରେଞ୍ଜ ଅଞ୍ଚଳରୁ ବନ କର୍ମଚାରୀମାନେ ଦୁଇ ଶିକାରୀକୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ କପ୍ତିପଦା ଥାନା ପୋଡାଡିହା ବାଲିନାଳ ଗ୍ରାମର ମାଲକି ସିଂ ଓ ଜଡା ସିଂ। ସୋମବାର ରାତିରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଶିକାରୀ ଦ୍ୱୟଙ୍କୁ କାବୁ କରିଥିଲେ।

### ୨ ଟନ୍ କୋଇଲା ସହ ଗାଡ଼ି ଜବତ

ପଦ୍ମପୁର, ୨୩ା୫(ଡି.ଏନ.ଏ.): ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ୨ ଟନ୍ କୋଇଲା ସହ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ତିହିଡ଼ି ଥାନା ଅଧୀନ ପାଳିଆବିନ୍ଧା ଅଞ୍ଚଳରୁ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଆସୁଥିବା ଖବର ପାଇ ପାଟ୍ରୋଲିଂ ପୋଲିସ ସାବରଙ୍ଗ ପୁରୁଣା ଫାଣ୍ଡି ଛକଠାରେ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲା। ଗାଡ଼ିଟି ଦ୍ରୁତ ଗତିରେ ଏରଡ଼ା ଆଡ଼କୁ ପଳାଇ ଯାଇଥିବା ବେଳେ ପୋଲିସ ପିଛା କରି ଅଟକାଇଥିଲା। ଚାଳକ ଗାଡ଼ି ରଖି ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ମାମଲା (ନଂ. ୧୦୮/୨୩) ରୁଜୁ ହୋଇଛି।

# ମିଳୁନି ପୋଲିଓ ଟିକା, କାମ କରୁନି ଲିଫ୍ଟ

### ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

ଚମ୍ପୁଆ,୨୩ା୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଉପାନ୍ତ ଅଞ୍ଚଳ ଚମ୍ପୁଆ ସଦର ମହକୁମାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା ଦେଖାଦେଇଛି। ୧୯୧୦ରେ ପ୍ରତିଷ୍ଠା ହୋଇଥିବା ଏହି ଚିକିତ୍ସାଳୟର ଗରିମା ଦିନକୁ ଦିନ କମିବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳ ସମେତ ଝାଡ଼ଖଣ୍ଡ ଓ ମୟୂରଭଞ୍ଜର ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିବା ଏହି ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ସମସ୍ୟା ମଧ୍ୟରେ ଗତି କରୁଛି। ବର୍ତ୍ତମାନ ଏହି ଚିକିତ୍ସାଳୟଟି 'ମୋ ଡାକ୍ତରଖାନା' ଯୋଜନାରେ ସାମିଲ ହୋଇଥିଲେ ମଧ ଏହା ଫାଷ୍ଟରେଫରାଲ ମେଡିକାଲ ଭାବେ ପରିଚିତ। ଏହି ଚିକିତ୍ସାଳୟରେ ଅଢେଇ ମାସ ହେବ ଜନ୍ମିତ ଶିଶୁମାନଙ୍କ ପାଇଁ ପୋଲିଓ ଟିକା ଉପଲବ୍ଧ ନ ଥିବା ବେଳେ ବାଧହୋଇ ଅନ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ସେହିପରି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡାକ୍ତର ଓ ନର୍ସମାନଙ୍କ ପାଇଁ ୨ଟି ଲିଫ୍ଟ ରହିଥିବା ବେଳେ ୬ ମାସ ହେବ ତାହା ଖରାପ ହୋଇପଡ଼ିଛି। ଫଳରେ ରୋଗୀ ସେବାରେ ଏହା ଏକ ପ୍ରକାର ବାଧା




ଖରାପ ହୋଇଥିବା ଲିଫ୍ଟ।

ସୃଷ୍ଟି କରୁଛି। ଏ ନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁଙ୍କୁ ପଚାରିବାରୁ ଟିକା ପାଇଁ ଇଣ୍ଡେଣ୍ଟ ଦିଆଯାଇଛି। ଜିଲା ମୁଖ୍ୟାଳୟରେ ଟିକା ଷ୍ଟକ ନ ଥିବାରୁ ପହଞ୍ଚିବାରେ ବିଳମ୍ବ ହେଉଛି ବୋଲି କହିଛନ୍ତି। ସେହିପରି ଲିଫ୍ଟ ମରାମତି ପାଇଁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅବଶ୍ୟକ ଥିବା ବେଳେ ମରାମତି ବାବଦକୁ ଖର୍ଚ୍ଚ ଜିଲା ଖଣିଜ ପାଣ୍ଠିରୁ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

# ବାହାବଳପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

ତିହିଡ଼ି,୨୩ା୫ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତ ଏକଡାଳ ଗ୍ରାମ ନିକଟରେ ମଙ୍ଗଳବାର ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ୩୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ବିଧାୟକଙ୍କ ସହ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଜିଲା ପରିଷଦ ସଭ୍ୟା ସୁମତୀ ସେଠୀ, ବିଧାୟକଙ୍କ ପ୍ରତିନିଧି ବିଜୟ ନାୟକ, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ, ପଞ୍ଚାୟତ ବିଜେଡି ସଭାପତି ଅଜୟ କୁମାର ଦାସ, ସରପଞ୍ଚ ଲକ୍ଷ୍ମୀପ୍ରିୟା ସାମଲ, ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଦେବଦର୍ଶନ ଦାସ, ସିନ୍ଦୋଳ ସରପଞ୍ଚଙ୍କ ପ୍ରତିନିଧି ବୈକୁଣ୍ଠ ପାଣି ପ୍ରମୁଖ ଯୋଗ ଦେଇଥିଲେ। ପରେ ବିଧାୟକ ଏକଡାଳଠାରେ ବିଜେଡିର ଏକ ବୈଠକରେ ଯୋଗ ଦେଇଥିଲେ। ସଭାପତି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ନେତା ଓ କର୍ମୀମାନେ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ସରପଞ୍ଚ, ସମିତିସଭ୍ୟଙ୍କ ସମେତ ପୂର୍ବତନ ସରପଞ୍ଚ ବିପିନ ବେହେରା, ପ୍ରଫୁଲ୍ଲ ଧଳ, ସୀତାକାନ୍ତ ପଣ୍ଡା, ପରମେଶ୍ୱର ମାଝୀ, ରାଜେଶ ନାୟକ, ଅନିଲ ମଲ୍ଲିକ, ରାଧାଶ୍ୟାମ ନାୟକ, ନୃସିଂହ ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜମା ଟଙ୍କା ହଡ଼ପ, ପୋଷ୍ଟ ଅଫିସ ଘେରିଲେ ମହିଳା



ଜମାକାରୀମାନେ କଣ୍ଟିଆପଡ଼ା ପୋଷ୍ଟ ଅଫିସ୍ ଘେରାଉ କରିଛନ୍ତି।

ପାଟଣା,୨୩ା୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡ଼ା ଗ୍ରାମରେ ଥିବା ପୋଷ୍ଟ ଅଫିସକୁ ମଙ୍ଗଳବାର ଶତାଧିକ ମହିଳା ଜମାକାରୀ ଘେରାଉ କରିଥିଲେ। ଜମା ଟଙ୍କା ହଡ଼ପ କରାଯାଇଥିବା ନେଇ ସେମାନେ ଅଭିଯାଗ କରିଛନ୍ତି। କଣ୍ଟିଆପଡା, ବଳାଣିପଶି ପୁରୁଣିଆ ଗ୍ରାମର ହିତାଧିକାରୀମାନେ ଅଭିଯୋଗ କରିଛନ୍ତି ଯେ, ସେମାନେ ଏହି ପୋଷ୍ଟ ଅଫିସରେ ଫିକ୍ସ, ପିଏଲ୍‌ଆଇ ସହ ସୁକନ୍ୟା ଯୋଜନାରେ ଟଙ୍କା ଜମା କରିଥିଲେ। ହେଲେ ପୋଷ୍ଟମାଷ୍ଟର ସେମାନଙ୍କ ଖାତାରେ ଟଙ୍କା ଜମା ନ କରି ହଡ଼ପ କରିଥିବା ବେଳେ ଜମାକାରୀଙ୍କ ପାସ୍‌ବୁକ ମଧ ଦେଉନାହାନ୍ତି। ପାସ୍‌ବୁକ ମାଗିଲେ ପୋଷ୍ଟ ମାଷ୍ଟର ଗାଳିଗୁଲଜ କରୁଛନ୍ତି। ୬/୭ ମାସ ତଳେ ପୋଷ୍ଟମାଷ୍ଟର ସମସ୍ତଙ୍କ ପାସ୍‌ବୁକ ନେଇଯାଇଥିଲେ। ଚେକ୍‌ବୁକ ଦେବେ କହି ପରେ ସେ ବିଭିନ୍ନ ଆଳ ଦେଖାଇ ଆଉ ଫେରାଉ ନାହାନ୍ତି। ମହିଳାମାନେ ପୋଷ୍ଟ ଅଫିସ୍ ଘେରାଉ କରିବା ନେଇ ଜାଣିବା ପରେ ପୋଷ୍ଟ ମାଷ୍ଟର ଅଫିସ୍‌ରେ ତାଲା ପକାଇ ଫେରାର ହୋଇଯାଇଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଖୁଣ୍ଟା/ଗୋପବନ୍ଧୁ ନଗର, ୨୩ା୫(ଡି.ଏନ.ଏ.)

ଖୁଣ୍ଟା – ବାରିପଦା ରାଜ୍ୟ ରାଜପଥର ଜଡ଼ାବଣି ନିକଟରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାରିପଦାସ୍ଥିତ ସତ୍ୟସାଇ ନଗର ଅଞ୍ଚଳର ସୂରଜ କୁମାର ବେହେରା। ଗୁରୁତର ଉଦଳା ଥାନା ଅଞ୍ଚଳର ଅଜୟ ମହାନ୍ତଙ୍କୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ରାତି ପ୍ରାୟ ୮. ୩୦ ସମୟରେ ଜଡ଼ାବଣି ପୋଲ ନିକଟରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଗୁରୁତର ଦୁଇ ବାଇକ୍ ଚାଳକଙ୍କୁ ପ୍ରଥମେ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ସୂରଜଙ୍କୁ ଡାକ୍ତର ମୃତଘୋଷଣା କରିଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

# ଲାଗିଲା ୨୩୬ ସୌରଚାଳିତ ଲାଇଟ୍



ଯୋଡ଼ା,୨୩ା୫(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ୬ଟି ପଞ୍ଚାୟତରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ୨୩୬ଟି ସୌର ଚାଳିତ ଲାଇଟ୍ ଲାଗିଛି। ଏହି ଆଲୋକ ବ୍ୟବସ୍ଥା ଯୋଗୁ ପ୍ରାୟ ୧୦ ହଜାର ଲୋକ ଉପକୃତ ହେଉଛନ୍ତି। ପଳସା, ଜଜାଙ୍ଗ, ବାମେବାରି, ଗୁରୁଡ଼ା, ଜଳହରି ଏବଂ ପାଟମୁଣ୍ଡା ପଞ୍ଚାୟତ ଅଧୀନରେ ଥିବା ବେଲଦା, ଜଗନ୍ନାଥପୁର, ଉଚ୍ଚବାଲି, ଗୁରୁଡୁଆଁ, ଜୋରିବାହାଲ, ରାଙ୍କି ହାଟି, ଖଣ୍ଡବନ୍ଧ ବସ୍ତି, କଦଳିଆ, ମିର୍ଥିର୍ଦା ଇତ୍ୟାଦି ଜନ ବସତି ଓ ଗ୍ରାମଗୁଡ଼ିକରେ ଏହି ଆଲୋକ ଲାଗିଛି। ଟିଏସ୍‌ଏଫ୍ ଭବିଷ୍ୟତରେ ଏହି ଅଞ୍ଚଳରେ ଏପରି ଅନେକ ଲୋକାଭିମୁଖୀ କାର୍ଯ୍ୟ ହାତକୁ ନେବାକୁ ଲକ୍ଷ୍ୟ ରଖିଥିବା ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ, ଯୋଡ଼ା ବ୍ଲକ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଏହିପରି ସୌର ଚାଳିତ ଆଲୋକ ବ୍ୟବସ୍ଥା କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଏହା ଖରାପ ହୋଇ ପଡ଼ିରହିଛି। କିନ୍ତୁ ଟାଟା ଷ୍ଟିଲ ପକ୍ଷରୁ ଯେଉଁ ସୌର ଚାଳିତ ଆଲୋକ ବ୍ୟବସ୍ଥା କରାଯାଇଛି ,ଏହାର ମରାମତି ଓ ରକ୍ଷଣାବେକ୍ଷଣ କରାଯାଉଥିବାରୁ ଏହା ଦୀର୍ଘସ୍ଥାୟୀ ହୋଇ ରହିବ ଓ ଲୋକେ ଏଥିରୁ ଉପକୃତ ହେବେ ବୋଲି ସୂଚନା ମିଳିଛି।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ଭୋଗରାଇ, ୨୩ା୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେଉଳା ଗ୍ରାମ (ରଘୁଚକ) ୧.୭୫ ଡିସିମିଲ ସରକାରୀ ଜାଗାକୁ ମଙ୍ଗଳବାର ଭୋଗରାଇ ତହସିଲଦାରଙ୍କ ତତ୍ତ୍ୱାବଧାନରେ ଜେସିବି ଲଗାଇ ଉଚ୍ଛେଦ କରାଯାଇଛି।

ଏହି ଗ୍ରାମର ଶ୍ମଶାନ ଜାଗାକୁ ରଘୁଚକ ଗ୍ରାମର ୧୦ଜଣ ବ୍ୟକ୍ତି ଦୀର୍ଘବର୍ଷ ଧରି ଜବରଦଖଲ କରି ଆସୁଥିବା ଅଭିଯୋଗ ହୋଇଆସୁଥିଲା। ଏହି ସ୍ଥାନରେ କାଜୁ, ଆକାଶିଆ, ପାନବରଜ ଓ ପୋଖରୀ ଖୋଳି ଜାଗାକୁ ବାଡ଼ କରି ମଧ ଜବରଦଖଲ କରି ଆସୁଥିଲେ। ଏଭଳି ସ୍ଥିତିରେ ଗ୍ରାମର ଶବଦାହ କରିବାକୁ ସ୍ଥାନ ନ ମିଳିବାରୁ ସାମାଜିକ କର୍ମୀ ରଞ୍ଜନ କୁମାର ନାୟକ ଓ ରାଜକିଶୋର ନାୟକ ପ୍ରମୁଖ ଗ୍ରାମବାସୀ ଦେଉଳା ରାଜସ୍ୱ ନିରୀକ୍ଷକ ଓ ଭୋଗରାଇ ତହସିଲଦାରଠାରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ। ଭୋଗରାଇ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଏହାକୁ ଗୁରୁତ୍ୱର ସହ ନେଇ ମଙ୍ଗଳବାର ଗ୍ରାମ ଲୋକଙ୍କ ସହାୟତାରେ ଜେସିବି ଲଗାଇ ସମସ୍ତ ଜାଗାକୁ ଶାନ୍ତିପୂର୍ଣ୍ଣ ଭାବେ ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର କରିଥିଲେ। ଜବରଦଖଲ ଉଚ୍ଛେଦ ବେଳେ ଦେଉଳା ସରପଞ୍ଚ ଚୈତନ୍ୟ କୁମାର ବେହେରା, ସହ ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଅଗ୍ନିଶମ, ପୋଲିସ, ବିଦ୍ୟୁତ୍, ରାଜସ୍ୱ ବିଭାଗର କର୍ମଚାରୀ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ।




ଜବରଦଖଲ ଉଚ୍ଛେଦ।

### ବୃଦ୍ଧାଙ୍କ ମୃତଦେହ ଜବତ

ବାଙ୍ଗିରିପୋଷି,୨୩ା୫(ଡି.ଏନ୍.ଏ.)

ବାଙ୍ଗିରିପୋଷି ଥାନା ଅଧୀନ ଖଇରୀ ରିସୋର୍ଟ ଜାତୀୟ ରାଜପଥ ନଂ.୪୯ ପାର୍ଶ୍ୱରୁ ପୋଲିସ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ସେ ହେଲେ ବଡଗାଁ ପଞ୍ଚାୟତ ପୁନାସିଆ ଗ୍ରାମର ସାନିଆ ସିଂ(୬୫)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷତିପୂରଣ ଦାବି

ଭଦ୍ରକ ଅଫିସ,୨୩ା୫

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ କ୍ଷତିପୂରଣ ମିଳୁ ନ ଥିବା ନେଇ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଫସଲ କ୍ଷତି ହୋଇଥିବା ନେଇ ସରକାରଙ୍କ ପକ୍ଷରୁ ୩୩ ପ୍ରତିଶତ ତହସିଲଦାରଙ୍କ ଜରିଆରେ କ୍ଷତିପୂରଣ ମିଳିଥିବା ବେଳେ ଫସଲ ବୀମା ଯୋଜନାରେ କ୍ଷତିପୂରଣ ମିଳିବା ପାଇଁ ସେମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗୋବିନ୍ଦପୁରର ହୃଷିକେଶ ପଣ୍ଡା ଖରିଫ ଋତୁରେ ୧୦ ଏକର ଜମିରେ ଚାଷ କରିଥିଲେ। ସେଥିମଧ୍ୟରୁ ୩ ଏକର ଜମିକୁ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ୧୫ଶହ ଟଙ୍କାର ଫସଲ ବୀମା କିସ୍ତି ପୈଠ କରିଥିଲେ। ସେହିପରି ପ୍ରଶାନ୍ତ ନାୟକ ୮ ଏକର ଜମିରେ ଫସଲ ବୀମା କରାଇ ୪ହଜାର ୫ଶହ ଟଙ୍କା କିସ୍ତି ପ୍ରଦାନ କରିଥିଲେ। ୨୦୨୧–୨୨ ଖରିଫ ଋତୁରେ ଜୱାଦ୍ ବାତ୍ୟା ଓ ୨୦୨୨–୨୩ ଖରିଫ ଋତୁରେ ବନ୍ୟାପାଣି ମାଡ଼ିଯାଇ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଦୁଇଥର ଫସଲ ବୀମା କିସ୍ତି ପ୍ରଦାନ କରାଯାଇଥିଲେ ମଧ ଫସଲ ବୀମା ଯୋଜନାରେ ସେମାନଙ୍କୁ ବୀମାରାଶି ମିଳିନାହିଁ। ସେହିପରି ପଞ୍ଚାୟତର କପିଳ ପଣ୍ଡା, ସୁଶାନ୍ତ କୁମାର ନାୟକ, ସଞ୍ଜୟ ମାଝି, ଅରୁଣ ନାୟକ, ମାନସ ମାଝି, ବାଇଧର ନାୟକ ପ୍ରମୁଖ ଫସଲ ବୀମା ପାଇବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି।

# ତୁରନ୍ତ ସମାଧାନ ଲାଗି ଜିଲାପାଳଙ୍କ ନିର୍ଦ୍ଦେଶ

### ଜନଶୁଣାଣିରେ ୧୩୩ ଅଭିଯୋଗ

ବାହାନଗା, ୨୩ା୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପରିସରରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶିବିରରେ ୧୩୩ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏମ୍‌ଜିଏନଆରଇଜିଏସ୍‌ରେ କାମ କରି ମଜୁରି ମିଳି ନ ଥିବା ସମ୍ବନ୍ଧରେ ଅଭିଯୋଗ କରିଥିଲେ। ସେହିପରି ପିଇବା ପାଣି ପାଇପ ମରାମତି, ପ୍ରଧାନମନ୍ତ୍ରୀ ଆବାସ ବାକିଆ ଟଙ୍କା, ଭତ୍ତା ଟଙ୍କା ନ ମିଳିବା, ଜମିଜମା ବାବଦରେ ଅଭିଯୋଗ ହୋଇଥିଲା। ବିଶେଷତଃ ବିଭିନ୍ନ ଯୋଜନାରେ ହେଉଥିବା କାମର ବିଲ୍ କରା ନ ଯାଇ ଲୋକମାନଙ୍କୁ ହଇରାଣ କରାଯାଉଥିବା ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କଠାରେ ଅଭିଯୋଗ କରାଯାଇଥିଲା। ସମସ୍ତ ଅଭଯୋଗକୁ ଜିଲାପାଳ ବୁଝିବା ସହିତ ସଂପୃକ୍ତ ବିଭାଗର ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ତୁରନ୍ତ ଅଭିଯୋଗଗୁଡିକ ସମାଧାନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏଥିରେ ଏସ୍‌ପି ସାଗରିକା ନାଥ, ଉପଜିଲାପାଳ କୁନାଲ ମୋତିରାମ ଚୌହାନ, ପିଡି ବିଶ୍ୱରଞ୍ଜନ ନାୟକ, ସିଡିଏମ୍‌ଓ ଡା. ଦୁଲାଲସେନ୍ ଜଗଦେବ, ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର, ବାହାନଗା ତହସିଲଦାର ହିମାଂଶୁ ଶେଖର ଗିରି, ବିଡିଓ ଗୌରାଙ୍ଗ ଘୋଷ, ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଗ୍ରହଣ କରି ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଉପସ୍ଥିତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ଶିନ୍ଦେ ପଥରପେଣ୍ଠ ପଞ୍ଚାୟତର ମିଶନଶକ୍ତି ପକ୍ଷରୁ ତିଆରି କରିଥିବା ମିକ୍ସର କାରଖାନାକୁ ବୁଲି ଦେଖିବା ସହିତ ମା'ମାନଙ୍କୁ ବିଭିନ୍ନ କଥା ପଚାରି ବୁଝିଥିଲେ। ସେହିପରି ନୂଆପୁର ପଞ୍ଚାୟତ ସମେତ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲାପାଳ ଶିନ୍ଦେ, ଉପଜିଲାପାଳ ଚୌହାନ, ସିଡିଏମ୍‌ଓ ଡା. ଦୁଲାଲସେନ୍ ଜଗଦେବ, ବିଡିଓ ଗୌରାଙ୍ଗ ଘୋଷ ପ୍ରମୁଖ ବୁଲି ବିଭିନ୍ନ ସମସ୍ୟା ବାବଦରେ ପଚାରି ବୁଝିବା ସହିତ ଉନ୍ନତିମୂଳକ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ପରାମର୍ଶ ଦେଇଥିଲେ।



ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

### ବାଲେଶ୍ୱର ରିଜିଓନାଲ ଟ୍ରକ୍ ମାଲିକ ସଂଘ ନିର୍ବାଚନ

## ଅଧକ୍ଷ ହେଲେ ଅମିୟ

ବାଲେଶ୍ୱର ଅଫିସ, ୨୩ା୫

ବାଲେଶ୍ୱର ରିଜିଓନାଲ ଟ୍ରକ ମାଲିକ ସଂଘ ନିର୍ବାଚନ ଶେଷ ହୋଇଛି। ଏହି ନିର୍ବାଚନରେ ଲଗାତର ତୃତୀୟ ଥର ପାଇଁ ଅମିୟ ମହାନ୍ତି ଚେୟାରମ୍ୟାନ୍ ଭାବେ ନିର୍ବାଚିତ ହୋଇଛନ୍ତି। ସଂଘ ସଭାପତି ଭାବେ ରାଜେଶ ଦାସ, ଉପସଭାପତି ଭାବେ ହରିଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅନଙ୍ଗ ପଟ୍ଟନାୟକ ଓ କ୍ୟାସିୟର ଭାବେ ଦୈତାରୀ ପାଣିଙ୍କୁ ନିର୍ବାଚିତ କରାଯାଇଛି। ସେହିପରି ଇସି ବୋର୍ଡ଼ରେ ୧୦ଜଣଙ୍କୁ ବଛାଯାଇଛି। ଏହାବ୍ୟତୀତ ଆଡଭାଇଜର କମିଟିରେ କାଉନସିଲର ତଥା ଶମ୍ଭୁନାଥ ସିଂ, କ୍ଷୀତିଶ ନାୟକ, ଶୁଭ୍ରାଂଶୁ ଦାସ ଓ ଭୁଦାର ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ବୈଠକରେ ମୁଖ୍ୟତଃ ଜେନେରାଲ ବଡ଼ିର ପାଖାପାଖି ୨୦୦ ସଦସ୍ୟ ଉପସ୍ଥିତ ଥିଲେ। ଆୟବ୍ୟୟର ଅଟକଳ ଓ ଚାଟାର୍ଡ଼ର ବାଲାନ୍ସସିଟ୍ ମଧ ପ୍ରକାଶ କରାଯାଇଥିଲା। ଖୁବ୍‌ଶୀଘ୍ର ନିଜସ୍ୱ ଜମି କ୍ରୟ କରାଯାଇ ସେଠାରେ ଏକ କୋଠା ନିର୍ମାଣ କରାଯିବ ବୋଲି ଅଧକ୍ଷ ମହାନ୍ତି କହିଛନ୍ତି।

# ପଟ୍ଟା ଖାରଜ ଦାବିରେ ଧାରଣା




ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି ଅମରପୁର ଗ୍ରାମବାସୀ।

ଭଦ୍ରକ ଅଫିସ,୨୩ା୫

### ଚଞ୍ଚକତା କରି ହାତେଇନେଲେ ସରକାରୀ ଜମି

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ଅମରପୁର ମୌଜାରେ ଜଣେ ବ୍ୟକ୍ତି ଚଞ୍ଚକତା କରି ୨୦୧୭ରେ ୮ ଡିସିମିଲ ସରକାରୀ ଜମି ହାତେଇ ନେଇଛନ୍ତି। ସଦର ବଳିଆ ମୌଜାରେ ଜମି ଥାଇ ମଧ ଭୂମିହୀନ ଦର୍ଶାଇ ସରକାରୀ ଜମି ଦଖଲ କରି କୌଶଳକ୍ରମେ ନିଜ ନାମରେ ପଟ୍ଟା କରାଇ ନେଇଛନ୍ତି। ଉକ୍ତ ବ୍ୟକ୍ତି ତହସିଲ ଅଫିସ୍‌ର ଜଣେ ଡ୍ରାଇଭର ହୋଇଥିବାରୁ ଚଞ୍ଚକତା କରି ଜମି ହାତେଇବାରେ ସଫଳ ହୋଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ କୋହ୍ଲ ପଞ୍ଚାୟତରେ ଅନେକ ଭୂମିହୀନ ପରିବାର ପୁରୁଷ ପୁରୁଷ ଧରି ସରକାରୀ ଜମିରେ ଦଖଲ ଥିବାବେଳେ ସେମାନଙ୍କୁ ପଟ୍ଟା ମିଳୁନାହିଁ। ଉକ୍ତ ବ୍ୟକ୍ତିଙ୍କୁ ୮ ଡିସିମିଲ ପଟ୍ଟା ମିଳିଥିବା ବେଳେ ସେହି ଜମିକୁ ଲାଗି ରହିଥିବା ଅଧିକ ଜମି ଓ ଏକ ପୋଖରୀକୁ ମାଟି ପକାଇ ପୋତି ଦେଇଛନ୍ତି। ଫଳରେ ଗ୍ରାମବାସୀଙ୍କୁ ଯାତାୟାତରେ ଅସୁବିଧା ହେଉଛି। ଏହାକୁ ବିରୋଧ କରି ଉକ୍ତ ଜମି ପଟ୍ଟା ଖାରଜ ଦାବିରେ ମିନତି ନାୟକ, ଗୋବିନ୍ଦ ନାୟକ, ସୁଜିତ ସାହୁ, ଶାନ୍ତିଲତା ନାୟକ, ସୁରେନ୍ଦ୍ର ପରିଡ଼ାଙ୍କ ସମେତ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ଅଫିସ୍ ଆଗରେ ଧାରଣାରେ ବସିଥିଲେ। ଏନେଇ ଆଲୋଚନା କରି ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରତିଶ୍ରୁତି ଦେବା ପରେ ମଧ ଧାରଣା ଜାରି ରହିଥିଲା।

## ଭାଜପା କର୍ମୀ ସମ୍ମିଳନୀ

**କୁଳିଅଣା,(ଡି.ଏନ.ଏ.):** କୁଳିଅଣାଠାରେ ଭାଜପା ମଣ୍ଡଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ କେନ୍ଦ୍ର ମୋଦି ସରକାରଙ୍କ ୯ବର୍ଷ ଶାସନର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଳିଅଣା ବ୍ଲକ ଏମ୍‌ପି ପ୍ରତିନିଧି ବିଶ୍ୱନାଥ ବସା, ଆଦିବାସୀ ନେତା ଫାଗୁ ହାଁସଦା, ଯୋଗ ଦେଇଥିଲେ। ମଣ୍ଡଳର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭଦ୍ରକ

- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦।
- ଦିଶା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଆନନ୍ଦପୁର, ୨୩।୫ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଫକୀରମୋହନ ବସ୍‌ଷ୍ଟାଣ୍ଡ ରିଙ୍ଗ୍‌ରୋଡ ପାର୍ଶ୍ୱ ହାଣ୍ଡିଆ ହାଟରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ଆନନ୍ଦପୁର ଥାନା ଅଧୀନ ପଣଷଗଡିଆ ଗ୍ରାମର ବିଜୁ ବର୍ଦ୍ଧା। ସୂଚନା ଅନୁଯାୟୀ, ସକାଳେ ଏକ ଗଛରେ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିଲା। ତେବେ ବିଜୁଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ବିଜୁ ରାଜ୍ୟ ବାହାରେ କାମ କରି ଘରକୁ ଫେରୁଥିଲେ। ଘରେ ନ ପହଞ୍ଚି ଏଭଳି ଘଟଣା ଘଟିଥିବା ସେମାନେ ପ୍ରକାଶ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୩) ରୁଜୁ କରି ତଦନ୍ତ ଚଳାଇଛି। ମୃତ ବିଜୁଙ୍କ ପକେଟରୁ ମିଳିଥିବା ଏଟିଏମ୍ ଓ ପାନ୍‌କାର୍ଡରୁ ତାଙ୍କ ପରିଚୟ ମିଳିଥିଲା ବୋଲି ପୋଲିସ କହିଛି।

### ଧୂପ ନିଆଁରୁ ଅଗ୍ନିକାଣ୍ଡ

**ସିମୁଳିଆ, ୨୩।୫(ଡି.ଏନ.ଏ.):** ସିମୁଳିଆ ବ୍ଲକ ଅଧୀନ ମାର୍କୋଣା ଷ୍ଟେଶନ ବଜାର ବାସନ୍ତୀ ଇଲେକ୍ଟ୍ରିକାଲ୍‌ସ ନାମକ ଏକ ମେକାନିକାଲ ବ୍ୟବସାୟ ପ୍ରତିଷ୍ଠାନରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଏଥିଯୋଗୁ ଲକ୍ଷାଧିକ ଟଙ୍କା ସମ୍ପତ୍ତି ନଷ୍ଟ ହୋଇଯାଇଥିବା ବ୍ୟବସାୟୀ ଲକ୍ଷ୍ମୀଧର ପଡ଼ିହାରୀ ସୂଚନା ଦେଇଛନ୍ତି। ରାତିରେ ଏହି ପ୍ରତିଷ୍ଠାନ ବନ୍ଦ ହେବା ପୂର୍ବରୁ ଠାକୁରଙ୍କୁ ଦିଆଯାଇଥିବା ଧୂପରୁ ନିଆଁ ଲାଗିଯାଇଥାଇପାରେ ବୋଲି ସନ୍ଦେହ କରାଯାଇଛି। ବଜାରରେ ରାତି ଡ୍ୟୁଟି କରୁଥିବା ହୋମଗାର୍ଡମାନେ ବନ୍ଦ ଶଟର ଘରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟ ବ୍ୟବସାୟୀମାନଙ୍କୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଅଡ଼ା ଓ ଭଦ୍ରକ ଦମକଳ ପହଞ୍ଚିଥିଲା।

### କାଁପଡ଼ାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଶିଳାନ୍ୟାସ

**ତିହିଡ଼ି,୨୩।୫(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କାଁପଡ଼ା ପଞ୍ଚାୟତରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନୂତନ ଗୃହ ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। ବ୍ଲକ ଅଧକ୍ଷା ଅବନ୍ତୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ଜ୍ୟୋତିର୍ମୟ କର ଓ ସରପଞ୍ଚ କୁନ୍ତଳା ମଲିକ ଯୋଗ ଦେଇଥିଲେ। ପ୍ରକାଶ ଥାଉକି, ଦୀର୍ଘଦିନ ହେବ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଭଡ଼ାଘରେ ଚାଲି ଆସୁଥିଲା।

### ପ୍ଲାଣ୍ଟ ପରିସରରେ ଦୁର୍ଘଟଣା
#### ହାଇୱା ଚାପାରେ କର୍ମଚାରୀ ମୃତ

**ବଡ଼ବିଲ, ୨୩।୫ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ରୁଗୁଡ଼ିସ୍ଥିତ ଏକ ପ୍ଲାଣ୍ଟ ପରିସରରେ ଦୁର୍ଘଟଣା ଘଟିଛି। ଏକ ହାଇୱା ଚାପାରେ ପ୍ଲାଣ୍ଟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାହ୍ନୁ ଚରଣ ରଥ(୩୨)। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ କାହ୍ନୁ ପ୍ଲାଣ୍ଟ ପରିସରରେ ଚାଲି ଚାଲି ଯାଉଥିବା ବେଳେ ପଛପଟୁ ହାଇୱା ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାହ୍ନୁଙ୍କର ମୃତ୍ୟୁ ହୋଇଥିବା ବେଳେ ଏନେଇ ପ୍ଲାଣ୍ଟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ରୁଗୁଡ଼ି ଥାନାରେ ଏକ ମାମଲା (ନଂ.୩୯/୨୩) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ପୋଲିସ ଜବତ କରି ଚାଳକଙ୍କୁ ଥାନାରେ ଅଟକ ରଖିଛି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ରାଇରଙ୍ଗପୁର, ୨୩।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର 'ଧରିତ୍ରୀ' ଏଜେଣ୍ଟ ବିକାଶ ଶର୍ମାଙ୍କ ପିତା ଭୋଳାନାଥ ଶର୍ମା(୭୬)ଙ୍କ ସୋମବାର ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ ମନୋଜ, ଅନୀଲ ଓ ବିକାଶଙ୍କ ସମେତ ପୁତ୍ରବଧୂ, ନାତି ନାତୁଣୀ ଏବଂ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ରାଇରଙ୍ଗପୁର ଖଡ଼ଖାଇ ନଦୀ ପାର୍ଶ୍ୱ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ମନୋଜ ମୁଖାଗ୍ନି ଦେଇଥିଲେ।

# ଫରେଷ୍ଟ ଗାର୍ଡଙ୍କୁ ଶହୀଦ ସମ୍ମାନ

- ୨ ଅଭିଯୁକ୍ତ ଅଟକ, ଦେଶୀ ବନ୍ଧୁକ ଜବତ
- ଆତ୍ମରକ୍ଷା ଲାଗି କର୍ମଚାରୀଙ୍କୁ ବନ୍ଧୁକ ଦିଆଯିବ: ବିଭାଗ

**ବାରିପଦା ଅଫିସ, ୨୩।୫**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ଫରେଷ୍ଟ ଗାର୍ଡ ବିମଳ କୁମାର ଜେନାଙ୍କୁ ମଙ୍ଗଳବାର ଶହୀଦ ସମ୍ମାନ ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବାରିପଦା ପାଲବଣୀସ୍ଥିତ ଫରେଷ୍ଟ ରେଷ୍ଟ ହାଉସ୍ ପରିସର ଶହୀଦ ସ୍ତମ୍ଭଠାରେ ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶେଷ ସମ୍ମାନ ପ୍ରଦାନ କରିଥିଲେ। ଏହା ସହିତ ସରକାରଙ୍କ ପକ୍ଷରୁ ମୃତ ଫରେଷ୍ଟ ଗାର୍ଡଙ୍କ ପରିବାରକୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗନେନି କହିଛନ୍ତି। ଏହି ଘଟଣାରେ ୧୦ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୨ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ନଅାଁଣା ଓ ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜ ସୀମାନ୍ତ କୋର୍ ଅଞ୍ଚଳରେ ଶିକାରୀମାନେ ଦୁଇଟି ବାର୍‌ହା ଓ ତିନୋଟି କୁଟୁରା ଶିକାର କରି ଫେରୁଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ବନକର୍ମଚାରୀ ସେମାନଙ୍କୁ ଅଟକାଇ ମୃତ କୁଟୁରାକୁ ଜବତ କରିଥିଲେ। ପରେ ଗାର୍ଡ ବିମଳ କୁମାର ଏକ ଉଚ୍ଚ ସ୍ଥାନକୁ ଯାଇ ମୋବାଇଲ ଯୋଗେ ରେଞ୍ଜ କାର୍ଯ୍ୟାଳୟକୁ ସୂଚନା ପ୍ରଦାନ କରୁଥିବା ସମୟରେ ଶିକାରୀମାନେ ଅତର୍କିତ ଗୁଳିଚାଳନା କରିଥିଲେ। ଗୁଳିଚାଳନା ଦେଖି ପାଟ୍ରୋଲିଂ କରୁଥିବା ଅନ୍ୟ କର୍ମଚାରୀମାନେ ଭୟଭୀତ ହୋଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ବିମଳଙ୍କ ଛାତିରେ ଗୁଳି ବାଜିବାରୁ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ଶିକାରୀମାନେ ଯିବା ପରେ ଅନ୍ୟ କର୍ମଚାରୀମାନେ ମୋବାଇଲ ଟାୱାର ପଏଣ୍ଟକୁ ଆସି ଖବର ଦେବାରୁ ରେଞ୍ଜ କାର୍ଯ୍ୟାଳୟର କର୍ମଚାରୀମାନେ ପହଞ୍ଚିଥିଲେ। ବିମଳଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

ମଙ୍ଗଳବାର ସକାଳେ ବିମଳଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପାଲବଣୀସ୍ଥିତ ଶହୀଦ ସ୍ତମ୍ଭ ନିକଟକୁ ଅଣାଯାଇଥିଲା। ସେଠାରେ ବିଭାଗୀୟ ଅଧିକାରୀମାନେ ଶହୀଦ ସମ୍ମାନ ପ୍ରଦାନ କରିଥିଲେ। ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା, ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ଓ କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗନେନି ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (ପିସିସିଏଫ୍) ସୁଶୀଲ କୁମାର ପୋପଲି ଏନେଇ ପୋଲିସ ଡିଜିଙ୍କୁ ଅବଗତ କରିଥିଲେ। ପରେ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଓ ବନବିଭାଗର କର୍ମଚାରୀଙ୍କୁ ନେଇ ୫ଜଣିଆ ଟିମ୍ ଗଠନ କରାଯାଇ ମଧ୍ୟରାତ୍ରିରୁ କମ୍ବିଂ ଅପରେସନ ଆରମ୍ଭ କରାଯାଇଥିଲା। ତେବେ ବନବିଭାଗର କର୍ମଚାରୀମାନେ ପାଟ୍ରୋଲିଂ ସମୟରେ ଠେଙ୍ଗା ଧରି କାର୍ଯ୍ୟ କରୁଥିବା ବେଳେ ଆତ୍ମରକ୍ଷା ପାଇଁ ସେମାନଙ୍କୁ ବନ୍ଧୁକ ପ୍ରଦାନ କରାଯିବ ବୋଲି ଆର୍‌ସିସିଏଫ୍ ଗୋଗନେନି କହିଛନ୍ତି। ତେବେ ଶିମିଳିପାଳରେ ଶିକାରୀଙ୍କ ପ୍ରବେଶକୁ ନେଇ ପୂର୍ବରୁ ବନବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲା ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗର ଶିକାରୀମାନେ ଦନ୍ତାହାତୀ ଶିକାର କରିବା ଉଦ୍ଦେଶ୍ୟରେ ଜଙ୍ଗଲର କୋର ଅଞ୍ଚଳକୁ ଯାଇଥିଲେ। ଏନେଇ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ କମ୍ବିଂ ଅପରେସନ କରାଯାଇ ନ ଥିଲା। ଫଳରେ ପାଟ୍ରୋଲିଂ କରୁଥିବା ଅଳ୍ପ ସଂଖ୍ୟକ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କର ଜୀବନ ଗଲା ବୋଲି ଆଚାର୍ଯ୍ୟ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ ଭବେଶ



@ ଗୁରୁପ୍ରସାଦ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ମହା ଜନସମ୍ପର୍କ ଅଭିଯାନ ପାଇଁ ପ୍ରସ୍ତୁତି

**ଭାଜପା ଜିଲା କାର୍ଯ୍ୟକାରିଣୀ**

**ବାଲେଶ୍ୱର ଅଫିସ, ୨୩।୫**

ବାଲେଶ୍ୱର ସହର ଆଇଟିଆଇ ଛକସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ରଣନୀତି ପ୍ରସ୍ତୁତ କରାଯିବା ସହିତ ମହା ଜନସମ୍ପର୍କ ଅଭିଯାନର ରୂପରେଖ ପ୍ରସ୍ତୁତ କରାଯାଇଛି।

ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅଧକ୍ଷତା କରି ବୈଠକର ବିଷୟବସ୍ତୁ ଉପରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଜଣାଇଥିଲେ। ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସାଙ୍ଗଠନିକ ସଂରଚନା, କରଣୀୟ କାର୍ଯ୍ୟ ଓ କାର୍ଯ୍ୟପଦ୍ଧତି ଉପରେ ପ୍ରେରଣା ଦେଇଥିଲେ। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଓ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଷମା ବିଶ୍ୱାଳ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି ଓ ପର୍ଶୁରାମ ବେହେରା, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ସୋର ନେତା ରାକେଶ ମଲ୍ଲିକଙ୍କ ସମେତ ସମସ୍ତ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି, ମଣ୍ଡଳ ପ୍ରଭାରୀ, ଜନସମ୍ପର୍କ ଅଭିଯାନର ସଦସ୍ୟାସଦସ୍ୟ ଅଂଶଗ୍ରହଣ କରିଥିଲେ। ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ସହ-ସଂଯୋଜକ ରଞ୍ଜିତ ପୁଷ୍ଟି, ଅରୂପ ଜେନା ଓ ଅନୀଲ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଜିଲା କାର୍ଯ୍ୟକାରିଣୀରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

## ୨ ବାଲି ବୋଝେଇ ଟ୍ରକ୍ ଜବତ, ୭୦ହଜାର ଜରିମାନା ଆଦାୟ

**ଔପଦା, ୨୩।୫**

ଔପଦା ତହସିଲଦାର ସତ୍ୟବାନ ନାୟକ ଓ ରାଜସ୍ୱ କର୍ମଚାରୀମାନେ ଚଢ଼ାଉ କରି ୨ଟି ବାଲି ବୋଝେଇ ଟ୍ରକ୍‌କୁ ଜବତ କରି ୭୦ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ତହସିଲଦାର ନାୟକ, ସୁପରଭାଇଜର ଗଗନ ସିଂ ଓ ଫତେପୁର ଆର୍‌ଆଇ ଜୟନ୍ତ କୁମାର ସେଠୀ, ଔପଦା ତହସିଲ ଅଧୀନ ଫତେପୁର ଏବଂ ତୁଟାସାହିରୁ ବାଲି ବୋଝେଇ ଗାଡ଼ି ୨ଟିକୁ ଜବତ କରି କାଗଜପତ୍ର ଯାଞ୍ଚ କରିଥିଲେ। ଗାଡ଼ି କାଗଜପତ୍ରରେ ତ୍ରୁଟି ଥିବାରୁ ଔପଦା ଅଣାଯାଇଥିଲା। ଏହି ଜବତ ଗାଡ଼ିରୁ ଗୋଟିକରୁ ୪୦ହଜାର ଓ ଅନ୍ୟ ଗାଡ଼ିରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ରାଜସ୍ୱ ବିଭାଗଠାରୁ ଜଣାଯାଇଛି।

# ନୂତନ କମିଟିକୁ କାମ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଗୁହାଳଡିହି ରେଲୱେ ସାଇଡିଂରେ ଲୋଡିଂ କାମକୁ ନେଇ ବିବାଦ ପ୍ରସଙ୍ଗ**

**କେନ୍ଦୁଝର, ୨୩।୫ (ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ଅଧୀନ ଗୁହାଳଡିହି ରେଲୱେ ସାଇଡିଂରେ ଲୋଡିଂ କାମ କରିବାକୁ ନେଇ ବିବାଦ ଦେଖାଦେଇଥିଲା। ଏନେଇ ଓଏଚ୍‌ଆର୍‌ସି (ଓଡ଼ିଶା ମାନବାଧିକାର କମିଶନ) ଆବେଦନକାରୀ ଗୁହାଳଡିହି ରେଲୱେ ସାଇଡିଂ କଲ୍ୟାଣ ପରିଷଦର ସଦସ୍ୟ ସଂଖ୍ୟା ଅନୁଯାୟୀ ବା ସଦସ୍ୟ ସଂଖ୍ୟା ଅନୁପାତରେ କାମ ଦେବା ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ପ୍ରାୟ ୩ ବର୍ଷ ଧରି କାମ ପାଇଁ ଲଢେଇ କରିଆସୁଥିବା ଗୁହାଳଡିହି ରେଲୱେ ସାଇଡିଂ କଲ୍ୟାଣ ପରିଷଦ ଆଶ୍ୱସ୍ତ ହୋଇଥିଲେ ହେଁ କେବେ କାମ ମିଳିବ ସେନେଇ ଅପେକ୍ଷାରେ ଅଛନ୍ତି।

ପ୍ରକାଶ ଯେ, ଗୁହାଳଡିହି ରେଲୱେ ସାଇଡିଂରେ ସ୍ଥାନୀୟ କ୍ଷତିଗ୍ରସ୍ତ କେତେକ ଗ୍ରାମର ଲୋକଙ୍କୁ ନେଇ ଗଠିତ ଗୁହାଳଡିହି ରେଲୱେ ସାଇଡିଂ ଲୋଡିଂ ଅନଲୋଡିଂ ଏଜେନ୍ସି କାମ କରି ଆସୁଛି। ଉକ୍ତ ସାଇଡିଂ ଦ୍ୱାରା ଆଖପାଖ କ୍ଷତିଗ୍ରସ୍ତ ହେଉଥିବା ଅନ୍ୟ କେତେକ ଗ୍ରାମର ଲୋକଙ୍କୁ ସେମାନେ କାମ ନ ଦେଇ ଉପେକ୍ଷା କରିଆସୁଥିବାରୁ ବିବାଦ ଦେଖାଦେଇଥିଲା। ଗୁହାଳଡିହି ରେଲୱେ ସାଇଡିଂ କଲ୍ୟାଣ ପରିଷଦ ଅଧୀନରେ ଉକ୍ତ କ୍ଷତିଗ୍ରସ୍ତ ଲୋକେ କାମ ଦାବି କରି ଆସୁଥିଲେ। ଏହାକୁ ନେଇ ଉଭୟ ସଂସ୍ଥା ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। କଲ୍ୟାଣ ପରିଷଦ ପକ୍ଷରୁ ବହୁବାର ଆନ୍ଦୋଳନ ଏବଂ ପ୍ରତିବାଦ କରାଯାଇଆସୁଥିଲା। ଏପରିକି କେତେଜଣ ସଦସ୍ୟଙ୍କୁ ପୋଲିସ ଆକ୍ରୋଶର ଶିକାର ହୋଇ ଜେଲ ଯିବାକୁ ପଡ଼ିଛି। ଏନେଇ କଲ୍ୟାଣ ପରିଷଦ ପକ୍ଷରୁ ନବଘନ ମାଝୀ ଏବଂ ଅନ୍ୟମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ନ ପାଇବାରୁ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ନବଘନ ମାଝୀ, ଟୁବୁଲୁ ମାଝୀ ପ୍ରମୁଖ ଅଭିଯୋଗ କରିଥିବା ବେଳେ ସେମାନଙ୍କ ପକ୍ଷରୁ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ଅଭିଯୋଗକୁ ଗ୍ରହଣ କରି କମିଶନ ୧୨୭୯/୨୦୨୦ରେ ଏକ କେସ୍ ରୁଜୁ କରିଥିଲେ। ଏହି ଘଟଣାରେ ସ୍ପେଶାଲ ଡିଜି ଅଫ୍ ପୋଲିସ ତଥା ଡାଇରେକ୍ଟର ଇନଭେଷ୍ଟିଗେଶନ ଏହାର ତଦନ୍ତ କରି ୮।୯।୨୦୨୨ରେ ପ୍ରାଥମିକ ରିପୋର୍ଟ ଦାଖଲ ପରେ କମିଶନ ଏହି ଶୁଣାଣି କରିଛନ୍ତି। ଏହାର ବିଚାର କରି କମିଶନ ଚଳିତ ମାସ ୧୨ ତାରିଖରେ ଶୁଣାଣି କରି ନୂତନ ଭାବେ ଗଠିତ କଲ୍ୟାଣ ପରିଷଦକୁ କାମ ଦେବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଏନେଇ ଜିଲା ଶ୍ରମ ଅଧିକାରୀ, ଏମ୍‌ଏସ୍‌ପି କାରଖାନାର ପ୍ରତିନିଧି ଏବଂ ଗୁହାଳଡିହି ରେଲୱେ ସାଇଡିଂ କଲ୍ୟାଣ ପରିଷଦର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଡାକି ଦୁଇମାସ ମଧ୍ୟରେ ସମାଧାନ କରିବାକୁ କହିଛନ୍ତି।

# ପରିତ୍ୟକ୍ତ ଖାଦାନରେ ବୁଡ଼ି ଶିଶୁ ମୃତ

**ନୀଳଗିରି, ୨୩।୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଧୋବଶିଳା ପଞ୍ଚାୟତ ଚଳଣାପାଳ ଗାଁରେ ଏକ ଦୁଃଖଦ ଘଟଣା ଘଟିଛି। ସ୍ୱର୍ଣ୍ଣଚୂଡ଼ର ପାଦଦେଶକୁ ଲାଗିଥିବା ପରିତ୍ୟକ୍ତ ଖାଦାନରେ ଜମିଥିବା ପାଣିରେ ବୁଡ଼ି ତପନ ସିଂଙ୍କ ଅଢେଇ ବର୍ଷର ପୁଅର ମୃତ୍ୟୁ ହୋଇଛି।

ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଗାଁ ରାସ୍ତାକୁ ଲାଗିଥିବା ପରିତ୍ୟକ୍ତ ଖାଦାନରେ ଖସିପଡ଼ିଥିଲା। ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ କରି ଘରକୁ ଫେରିବା ପରେ ସତ୍କାର କରାଯାଇଥିଲା। ଶିଶୁର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ଖାଦାନ କରିବା ପରେ ପୋତିବା ପାଇଁ ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ନ ପୋତି ଛାଡ଼ିଦେଇ ଚାଲି ଯାଉଛନ୍ତି। ଫଳରେ ସେଥିରେ ବର୍ଷା ପାଣି ଜମି ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରଛନ୍ତି।



ସ୍ୱର୍ଣ୍ଣଚୂଡ଼ର ପାଦଦେଶକୁ ଲାଗିଥିବା ପରିତ୍ୟକ୍ତ ଖାଦାନରେ ଜମି ରହିଥିବା ବର୍ଷା ପାଣି।

## ତବଲା ବାଦକଙ୍କ ବିୟୋଗରେ ସ୍ମୃତିସଭା

**ଖଇରା, ୨୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁର ଗ୍ରାମର ବିଶିଷ୍ଟ ତବଲା ବାଦକ, ବିଶିଷ୍ଟ ସାମାଜିକ କର୍ମୀ ସଞ୍ଜୟ ପ୍ରକାଶ ଦାସ(୪୪)ଙ୍କ ଆକସ୍ମିକ ବିୟୋଗରେ ଏକ ସ୍ମୃତିସଭା ମଙ୍ଗଳବାର ଅଲିପୁର ଛକରେ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଅଲିପୁର ଗ୍ରାମର ବହୁ ବୁଦ୍ଧିଜୀବୀ, ତାଙ୍କୁ ଭଲ ପାଉଥିବା ଯୁବଗୋଷ୍ଠୀ ଏଥିରେ ଯୋଗଦେଇ ତାଙ୍କର ସେବା ମନୋବୃତ୍ତି, ଠାକୁର ଭକ୍ତିରେ ନିଷ୍ଠାକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ। ପ୍ରତାପ କୁମାର ପଣ୍ଡା ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଥମେ ନୀରବ ପ୍ରାର୍ଥନା, ଗୀତା ଓ ଭାଗବତ ପାଠ କରାଯାଇଥିଲା।

# ସରିଲା ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ

**ଆଖଣ୍ଡଳମଣି ପୀଠରେ ଶିବବିବାହ ପରମ୍ପରା**

**ଆରଡ଼ି, ୨୩।୫ (ଡି.ଏନ.ଏ.)**

ରାତି ପାହିଲେ ଦେବଦମ୍ପତିଙ୍କ ବାହାଘର। ଦେବ ଦେବ ମହାଦେବ ସାଜିବେ ବର ଆଉ ମାତା ପାର୍ବତୀ ସାଜିବେ କନିଆ। ବାଣ ରୋଷଣୀ ସାଙ୍ଗକୁ ଯୋଡ଼ି ମହୁରୀ, ମାଦଳ ବାଜା, ଶଙ୍ଖଧ୍ୱନି, ଖୋଳ କରତାଳ, ଢୋଲ, ମୃଦଙ୍ଗ ବାଦ୍ୟରେ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ହେବ ଉତ୍ସବମୁଖର। ମଙ୍ଗଳବାର ଆଖଣ୍ଡଳମଣି ପୀଠରେ ବୈଦିକ ରୀତିରେ ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ ହୋଇଛି। ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ସାଢ଼େ ୪ଟାରେ ମଙ୍ଗଳ ଆଳତି କରାଯାଇଥିଲା। ପରେ ବାବା ଆଖଣ୍ଡଳମଣିଙ୍କୁ ବିଧି ପୂର୍ବକ ହଳଦୀ ଲେପନ କରି ସ୍ନାନ କରାଯାଇଥିଲା। ପୂର୍ବାହ୍ନରେ ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ପାଇଁ ବରପିତା ପ୍ରମୋଦ ପାଢ଼ୀ ଓ କନ୍ୟାପିତା ମନୋରଞ୍ଜନ ପାଢ଼ୀଙ୍କ ଘରେ ଭିଡ଼ ଜମିଥିଲା। ବେଦଜ୍ଞ ବ୍ରହ୍ମଶ୍ରୀଙ୍କ ମଙ୍ଗଳାଷ୍ଟକ ପାଠ ପରେ ସେବାୟତ ପରିବାରର ସଧବା ମହିଳାମାନେ ପ୍ରଥମେ ବାବା ଆଖଣ୍ଡଳମଣିଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖରଙ୍କୁ ହଳଦୀ ଲଗାଇ ସୁବାସିତ ଜଳରେ ସ୍ନାନ କରାଇଥିଲେ। ପରେ ମାତା ପାର୍ବତୀଙ୍କୁ ସ୍ନାନ କରାଇ ହଳଦିଆ ବସ୍ତ୍ର ପିନ୍ଧାଇ କନ୍ୟା ବେଶରେ ସଜ୍ଜିତ କରାଇଥିଲେ। ମଙ୍ଗଳକୃତ୍ୟ ସମ୍ପନ୍ନ ବେଳେ ସେବାୟତମାନଙ୍କ ପରିବାର ଉପସ୍ଥିତ ରହି ବିଧି ମୁତାବକ ସମସ୍ତ କାର୍ଯ୍ୟ ସମାପନ କରିଥିଲେ।

ଏହାପରେ ଉଭୟ ପରିବାର ବରଧରା ସମ୍ପର୍କରେ ଆଲୋଚନା କରିଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ କନ୍ୟାଘରୁ ହନୁମାନଙ୍କୁ ବରଧରା ବେଶରେ ସଜ୍ଜିତ କରି ବରପିତାଙ୍କ ଗୃହକୁ ପଠାଇବେ ବୋଲି କନ୍ୟାପିତା କହିଥିଲେ। ଏହାକୁ ସ୍ୱୀକାର ପୂର୍ବକ ବରଘର ପରିବାର ଲୋକେ ସମ୍ମତି ଜଣାଇଥିଲେ। ମଙ୍ଗଳକୃତ୍ୟ ସରିବା ପରେ ସମସ୍ତ ସେବାୟତଙ୍କ ପରିବାର କାନ୍ଥରେ ବାହା ଚିତା ପଡ଼ିଥିଲା। ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ମହୋତ୍ସବ ଦେଖିବା ପାଇଁ ପୀଠରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଶିବ ବିବାହକୁ ସୁରୁଖୁରୁରେ ସମାପନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା ଅବ୍ୟାହତ ରହିଛି ବୋଲି ଧୂଷୁରୀ ଥାନାଧିକାରୀ ସୁକାନ୍ତି କେରେଇ ଓ ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲ କହିଛନ୍ତି। ବୁଧବାର ପୂର୍ବାହ୍ନ ୧୦ ଠାରୁ ପୀଠ ମଧ୍ୟକୁ ଯାନ ପ୍ରବେଶ କରିବାକୁ ଦିଆଯିବ ନାହିଁ ଓ ପାନ୍ଥଶାଳା ନିକଟରେ ଅସ୍ଥାୟୀ ଷ୍ଟାଣ୍ଡରେ ରଖିବା ବ୍ୟବସ୍ଥା କରାଯାଇଛି। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପୀଠରେ ଉପସ୍ଥିତ ରହି ସେବାୟତମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି।



ସେବାୟତମାନେ ବାବା ଆଖଣ୍ଡଳମଣିଙ୍କୁ ହଳଦୀ ଲେପନ କରୁଛନ୍ତି।

# ୩୧ ଯାଏ କଳାବ୍ୟାଜ୍ ପିନ୍ଧି କାମ କରିବେ ଅମଲା



ଅମଲାମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଉଛନ୍ତି।

**ଭଦ୍ରକ ଅଫିସ, ୨୩।୫ (ସ୍ୱ.ପ୍ର.)**

ଗ୍ରେଡ୍ ପେ ବୃଦ୍ଧି ଦାବିରେ ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଜନ ୧ ଓ ୨ର ସମସ୍ତ ଅମଲାମାନେ ସଂଘର ନିଷ୍ପତ୍ତି ଅନୁସାରେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ ଜାରି ରଖିଛନ୍ତି। କନିଷ୍ଠ ଅମଲାମାନଙ୍କ ୯୩୦୦ ଦରମା ଓ ୪୨୦୦ ଗ୍ରେଡ୍ ପେ ଲାଗୁ ପାଇଁ ଦାବି କରି ଆସୁଥିବା ବେଳେ ସରକାର ପ୍ରତିଶ୍ରୁତି ଦେଇ ପୂରଣ କରୁନାହାନ୍ତି। ଏହାର ପ୍ରତିବାଦରେ ବରିଷ୍ଠ ସଦସ୍ୟ ନିର୍ମଳ କୁମାର ବେହୁରିଆ ଓ ଏସ୍‌ଓ ସଂଯୁକ୍ତା ସେଠୀଙ୍କ ତତ୍ତ୍ୱାବଧାନରେ ସେମାନେ ସୋମବାରଠାରୁ କଳାବ୍ୟାଜ୍ ପିନ୍ଧିଛନ୍ତି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ଏହାମଧ୍ୟରେ ସରକାର ସେମାନଙ୍କ ଦାବି ପୂରଣ ନ କଲେ ଜୁନ୍ ୧ରୁ ସମୂହ ଛୁଟିରେ ଯିବେ ବୋଲି ଘୋଷଣା କରିଛନ୍ତି।

